**Publication:** Prameya
**Date:** 28/08/2016
**Edition:** Bhubaneswar
**Page No:** 19
**Headline:** Sai International School Wins Bhubaneswar edition of TCS IT Wiz 2016

# ସାଇ ଇଣ୍ଟରନ୍ୟାସନାଲ୍ ଟିସିଏସ୍ ଆଇଟି ୱିଜ୍ ବିଜେତା

ଭୁବନେଶ୍ୱର,୨୭।୮(ବ୍ୟୁରୋ): ସାଇ ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ର ଅକ୍ଷତ ପ୍ରନୀତ୍ ଓ ସମ୍ପ୍ରୀତି ପଣ୍ଡା ଟିସିଏସ୍ ଆଇଟି ୱିଜ୍ ୨୦୧୬ର ଭୁବନେଶ୍ୱର ସଂସ୍କରଣର ବିଜେତା ଘୋଷିତ ହୋଇଛନ୍ତି। ସେହିପରି ଡିଏଭି ୟୁନିଟ୍-୮ର ଶିବପ୍ରସାଦ ରେଡ୍ଡୀ ଓ ସ୍ୱନ୍ଦନ ଦାଶ ଟିସିଏସ୍ ଆଇଟି ୱିଜ୍‌ର ରନର୍ସ ଅପ୍ ହୋଇଛନ୍ତି। ଭୁବନେଶ୍ୱର ସଂସ୍କରଣର ବିଜେତା ଟିମ୍ ମୁମ୍ବାଇରେ ଅନୁଷ୍ଠିତ ହେବାକୁ ଥିବା ରାଷ୍ଟ୍ରୀୟ ଫାଇନାଲ୍‌ରେ ପ୍ରତିନିଧିତ୍ୱ କରିବେ। ଦେଶର ଏହି ସର୍ବବୃହତ୍ ଆନ୍ତଃବିଦ୍ୟାଳୟ ଆଇଟିକ୍ୱିଜ୍‌ରେ ରାଜ୍ୟ ସରକାରଙ୍କ ଆଇଟି ବିଭାଗ ସ୍ୱତନ୍ତ୍ର ସଚିବ ଆର୍ ଏନ୍ ପଲାଇ ଓ ଟିସିଏସ୍ ଭୁବନେଶ୍ୱର ସେଣ୍ଟର ମୁଖ୍ୟ ମନୋଜ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜୟୀ ଟିମ୍‌ର ପ୍ରତିଯୋଗୀଙ୍କୁ ଗୋଟିଏ ଲେଖାଏଁ ଆଇପ୍ୟାଡ୍ ଏୟାର ପ୍ରଦାନ କରିଥିବା ବେଳେ ରନର୍ସ ଅପ୍ ଟିମ୍ ସଦସ୍ୟଙ୍କୁ ଆଇପ୍ୟାଡ୍ ମିନି ପ୍ରଦାନ କରିଥିଲେ। ପ୍ରତିଯୋଗିତାରେ ରାଜ୍ୟର ବହୁ ବିଦ୍ୟାଳୟରୁ ପ୍ରାୟ ୧,୧୦୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଚଳିତ ବର୍ଷ ଏହି ପ୍ରତିଯୋଗିତା ଦେଶର ୧୫ଟି ସହରରେ ଅନୁଷ୍ଠିତ ହେଉଛି।

